# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**30 July – 2025**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀ ଆଜି ଆକାଶମାର୍ଗରୁ ବନ୍ୟା ପ୍ରଭାବିତ ଅଞ୍ଚଳର କଲେ କ୍ଷୟକ୍ଷତି ଆକଳନ

- ସୁଭଦ୍ରା ପୋର୍ଟାଲ ଆସନ୍ତାମାସ ୯ ତାରିଖ ପରେ ଖୋଲିବ; କହିଲେ; ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

- ରାଜ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ସଶକ୍ତ କରିବା ପାଇଁ ଶୁଭାରମ୍ଭ ହେଲା ସ୍ୱତନ୍ତ୍ର ଆପ୍

- ଶ୍ରୀହରିକୋଟା ମହାକାଶ କେନ୍ଦ୍ରରୁ ଇସ୍ରୋ ପକ୍ଷରୁ ଆଜି ସନ୍ଧ୍ୟାରେ ନିଶାର ସାଟେଲାଇଟ୍‌ର ହେବ ଉତ୍କ୍ଷେପଣ

ଏବଂ

- ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ପାଇଁ ସନ୍ଧ୍ୟା ୬ଟାରୁ ୪ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

## ମୁଖ୍ୟମନ୍ତ୍ରୀ-ବନ୍ୟାଞ୍ଚଳ ପରିଦର୍ଶନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ୩ଟି ଜିଲ୍ଲା ଭଦ୍ରକ, ବାଲେଶ୍ୱର ଓ ଯାଜପୁରର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସ୍ୱତନ୍ତ୍ର ରିଲିଫ କମିଶନର ଡି.କେ. ସିଂହ ରାଜ୍ୟରେ ବନ୍ୟା ସ୍ଥିତିର ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବନ୍ୟା କ୍ଷତିଗ୍ରସ୍ତ ଜିଲ୍ଲାର କ୍ଷୟକ୍ଷତି  ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ୩ଟି ଜିଲ୍ଲାର ୮ଟି ବ୍ଲକ୍ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି...

**- V/O - (CM)**

## ସୁଭଦ୍ରା

ରାଜ୍ୟରେ ଆସନ୍ତାମାସ ୯ ତାରିଖ ପରେ ସୁଭଦ୍ରା ପୋର୍ଟାଲ ଖୋଲିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଆସନ୍ତା ରାକ୍ଷିପୂର୍ଣ୍ଣିମାରେ ତୃତୀୟ କିସ୍ତି ଟଙ୍କା ମିଳିବା ପରେ ସୁଭଦ୍ରା ପୋର୍ଟାଲ ଖୋଲିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି।

**- V/O -**

୨୧ ବର୍ଷ ହୋଇଥିବା ଯୁବତୀ ଯୋଜନାରେ ଯୋଡି ହେବା ପାଇଁ ପୋର୍ଟାଲରେ ଆବେଦନ କରିପାରିବେ। ବର୍ତ୍ତମାନ ୨ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାରୁ ବାଦ୍ ଦିଆଯାଇଛି। ବିଭିନ୍ନ କାରଣରୁ ବାଦ୍ ପଡିଥିବା

ହିତାଧିକାରୀଙ୍କୁ ଯୋଜନା ସହ ଯୋଡିବା ପାଇଁ ଆଉ ଥରେ ସର୍ଭେ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଯେଉଁ ହିତାଧିକାରୀଙ୍କୁ ୬୦ ବର୍ଷ ପୂରିଛି ସେମାନଙ୍କୁ ଭତ୍ତା ଦେବା ପାଇଁ  ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ପଠାଯାଇଛି।

## ଅଙ୍ଗନୱାଡ଼ି-ସ୍ୱତନ୍ତ୍ର ଆପ୍

ରାଜ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ରକୁ ସଶକ୍ତ କରିବା ପାଇଁ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏକ ସ୍ୱତନ୍ତ୍ର ଆପ୍‌ର ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀମାନଙ୍କ ଦକ୍ଷତାବିକାଶ କର୍ମଶାଳାରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଡିଜିଟାଲ ସାଧନର ଉପଯୋଗରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଆହୁରି ସଶକ୍ତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଅବସରରେ ଆପ୍‌ର ବିକାଶ ପାଇଁ ଏନ୍.ଆଇ.ପି.ସି.ସି.ଡି. ସହ ମହିଳା ଓ ଶିଶୁବିକାଶ ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟର ସମସ୍ତ ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ କରାଯିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି। ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଖାଦ୍ୟ ସଠିକ୍ ଭାବେ ଅଙ୍ଗନୱାଡିରେ ପହଞ୍ଚୁଛି କି ନାହିଁ ତା'ର ତଦାରଖ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ସିଡିପିଓମାନଙ୍କୁ ପରାମର୍ଶ ଦେଇଛନ୍ତି।

## କୋଇଲା ଉତ୍ପାଦନ

କୋଇଲା ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରଥମ ସ୍ଥାନରେ ରହିଛି ବୋଲି ଲୋକସଭାରେ କୋଇଲା ଏବଂ ଖଣି ମନ୍ତ୍ରୀ ଜି.କିଷାନ ରେଡ୍ଡୀ ସୂଚନା

ଦେଇଛନ୍ତି। ୨୦୨୪-୨୫ ମସିହାରେ ରାଜ୍ୟର ବିଭିନ୍ନ କୋଇଲା ଖଣିରୁ ୨୬୯ ଦଶମିକ ୩/୬ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ ହୋଇଥିବାବେଳେ ବାହାର ରାଜ୍ୟ ଓ ଦେଶକୁ ୨୫୪ ଦଶମିକ ୬/୩ ମିଲିୟନ ଟନ୍ ଯୋଗାଣ କରାଯାଇଛି। ଗତ ୩ ବର୍ଷ ମଧ୍ୟରେ କୌଣସି ଶକ୍ତିକେନ୍ଦ୍ରରେ କୋଇଲା ସଙ୍କଟ ସୃଷ୍ଟି ହୋଇନାହିଁ।

# ପଦ୍ମ ଆୱାର୍ଡସ୍

ପଦ୍ମ ସମ୍ମାନ ପାଇଁ ମନୋନୟନ ଓ ସୁପାରିଶ୍ ଅବଧି  ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ଏହି ପୁରସ୍କାର ଲାଗି ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ମନୋନୟନଗୁଡ଼ିକୁ ଗ୍ରହଣ କରାଯିବ । ପଦ୍ମ ସମ୍ମାନ ୨୦୨୬ ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସରେ ଘୋଷଣା କରାଯିବ । ଏଥିଲାଗି ଚଳିତବର୍ଷ ୧୫ ମାର୍ଚ୍ଚରୁ ମନୋନୟନ କାର୍ଯ୍ୟ ଆରମ୍ଭ ହୋଇଛି । ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ମଧ୍ୟରେ ପଦ୍ମବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ ରହିଛି । ଏହି ସମ୍ମାନ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଥାଏ ।

## ଇସ୍ରୋ-ନିଶାର

ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ ପକ୍ଷରୁ ଆଜି ନାସା-ଇସ୍ରୋ ସିନ୍ଥେଟିକ୍ ଆପାର୍‌ଚର୍ ରାଡାର୍ ନିଶାର୍ ସାଟେଲାଇଟ୍‌ର ଉତ୍‌କ୍ଷେପଣ କରାଯିବ। ଶ୍ରୀହରିକୋଟା ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ସନ୍ଧ୍ୟା ୫ଟା

୪୦ ମିନିଟ୍‌ରେ ଜି.ଏସ୍.ଏଲ୍.ଭି. ଏଫ୍-୧୬ ରକେଟ୍ ମାଧ୍ୟମରେ ଏହି ସାଟେଲାଇଟ୍‌କୁ ଉତ୍କ୍ଷେପଣ କରାଯିବ। ଏଥିପାଇଁ ଗତକାଲି ଅପରାହ୍ଣ ୨ଟା ୧୦ ମିନିଟ ୍ରୁ ଅବଗଣନା ଆରମ୍ଭ ହୋଇଛି। ପ୍ରତି ୧୨ ଦିନରେ ସମଗ୍ର ପୃଥିବୀକୁ ତର୍ଜମା କରିବା ଏହି ମିଶନ୍‌ର ଲକ୍ଷ୍ୟ। ଜଳବାୟୁ ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ସମ୍ପର୍କିତ ଫଟୋ ଚିତ୍ର ଏହି ସାଟେଲାଇଟ୍ ପ୍ରଦାନ କରିବ ବୋଲି ଜଣାପଡ଼ିଛି। ପ୍ରାକୃତିକ ବିପର୍ଯ୍ୟୟ, ପରିବେଶଗତ ଅବକ୍ଷୟ, ଭୂକମ୍ପ ଭଳି ଗତିଶୀଳ ପ୍ରକ୍ରିୟା ଗୁଡ଼ିକୁ ଏହି ସାଟେଲାଇଟ୍ ନିରୀକ୍ଷଣ କରିବା ସହ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରିବ।

## ଓଟିଇଟି-ତଦନ୍ତ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଆଜି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ବୋର୍ଡ ଅଫିସର କର୍ମଚାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା କରୁଥିବା ଜଣାପଡିଛି। ପୂର୍ବରୁ ଓଟିଇଟି ପରୀକ୍ଷା ବାତିଲ ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୋର୍ଡ କାର୍ଯ୍ୟାଳୟର ଅତିରିକ୍ତ ସଚିବଙ୍କ ସମେତ ୬ ଅଧିକାରୀଙ୍କ ବଦଳି କରାଯାଇଛି। ଚଳିତ ମାସ ୨୦ ତାରିଖରେ ଓଟିଇଟି ପରୀକ୍ଷା ହେବା ପାଇଁ ସ୍ଥିର ହୋଇଥିଲା। ମାତ୍ର ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ବୋର୍ଡ ପକ୍ଷରୁ ସ୍ଥଗିତ ରଖାଯାଇଛି।

# ବନକଲାଗି

ଶ୍ରାବଣ ଶୁକ୍ଳ ଷଷ୍ଠୀ ତିଥିରେ ଆଜି ଶ୍ରୀବିଗ୍ରହମାନଙ୍କର ଶ୍ରୀମନ୍ଦିରରେ ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ନୀତି

ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ସମବାୟ ବର୍ଷ

**ପୁରୀ** ଜିଲ୍ଲାରେ ଆନ୍ତର୍ଜାତିକ ସମବାୟ ବର୍ଷ ଆୟୋଜିତ ହୋଇଯାଇଛି। ସମବାୟ ସମିତି ଉପ-ନିବନ୍ଧକ-ଡି.ଆର.ସି.ଏସ୍ ସୁନୀତା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ କିପରି ସମାଜକୁ ସୁଦୃଢ଼ ଓ ଆର୍ଥିକ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ୨୪୫ଟି ପ୍ୟାକ୍ସ କାର୍ଯ୍ୟ କରୁଥିବାବେଳେ ଗତ ଖରିଫ୍ ବର୍ଷରେ ସମବାୟ ବିଭାଗ ମାଧ୍ୟମରେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି ବୋଲି ବୈଠକରୁ ସୂଚନା ମିଳିଛି।

## କୃଷି ରଥ ଶୁଭାରମ୍ଭ

**ଭଦ୍ରକ** ଜିଲ୍ଲା ବନ୍ତ ବ୍ଲକ୍‌ରେ କୃଷି ବିଭାଗ ପକ୍ଷରୁ ଶ୍ରୀଅନ୍ନ ଯୋଜନା କୃଷି ରଥର ଶୁଭାରମ୍ଭ ହୋଇଯାଇଛି। ବିଭିନ୍ନ ଗ୍ରାମ ପଞ୍ଚାୟତରେ ଏହି ରଥ ପରିକ୍ରମା କରି ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଜବର ସେଠୀ କହିଛନ୍ତି।

## ବନ୍ଦ ରହିବ ଡାକଘର

**କେନ୍ଦ୍ରାପଡା** ମୁଖ୍ୟ ଡାକଘର ସମେତ ଏହାର ଅଧୀନରେ ଥିବା ସମସ୍ତ ଉପଡାକଘର ଓ ଶାଖା ଡାକଘର ଆସନ୍ତା ଶନିବାର ଦିନ ବନ୍ଦ ରହିବ ବୋଲି

ଡାକ ଅଧିକ୍ଷକ ଦେବ ପ୍ରସାଦ ଶତପଥୀ ସୂଚନା ଦେଇଛନ୍ତି। ଡାକ ବିଭାଗ ପକ୍ଷରୁ ନୂତନ ସଫ୍ଟୱେର କାର୍ଯ୍ୟକାରୀ କରାଯିବାକୁ ଥିବାରୁ ଡାକଘରକୁ ବନ୍ଦ ରଖାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଭିନ୍ନକ୍ଷମ ଉପକରଣ ବଣ୍ଟନ

**ବୌଦ୍ଧ** ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଯୋଗୀନ୍ଦ୍ରଦେବ ଉଚ୍ଚବିଦ୍ୟାଳୟଠାରେ ଭିନ୍ନକ୍ଷମ ଶିଶୁଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କୁ ଏହି ଉପକରଣ ବଣ୍ଟନ କରିଥିଲେ। ଏଥିସହ ଶିବିରରେ ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ଭିଜିଲାନ୍ସ ବୈଠକ

**ନୟାଗଡ଼** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧ୍ୟକ୍ଷତାରେ ଭିଜିଲାନ୍ସ ମନିଟରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ୧୯୯୫ ନିୟମ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟରେ ଯୋଗଦେଇଥିଲେ।

# ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ,

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରଭାବରେ ସ୍ୱାଭାବିକ ଠାରୁ ୧୩ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି ।

ଲଗାଣ ବର୍ଷା ଯୋଗୁଁ **ଭଦ୍ରକ** ଜିଲ୍ଲାର ୪ଟି ବ୍ଲକ୍ ତିହିଡି, ଧାମନଗର, ବାସୁଦେବପୁର, ଚାନ୍ଦବାଲିରେ ସ୍କୁଲକୁ ଗୋଟିଏ ଦିନ ପାଇଁ ଛୁଟି ଘୋଷଣା କରାଯାଇଥିବା ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କହିଛନ୍ତି।

ହୀରାକୁଦ ଜଳଭଣ୍ଡାରରେ ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳସ୍ତର ୬୧୨ ଦଶମିକ ଦୁଇ/ତିନି ଫୁଟ ରହିଥିଲା। ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୫୮ ହଜାର ୩୩୨ ଘନଫୁଟ ଜଳ ପ୍ରବେଶ କରୁଥିଲାବେଳେ ସେହି ସମୟ ମଧ୍ୟରେ ୧୪ଟି ସ୍ଲୁଇସ୍ ଗେଟ୍ ଦେଇ ୨ ଲକ୍ଷ ୫୦ ହଜାର ୨୭୫ ଘନଫୁଟ ଜଳ ନିଷ୍କାସିତ ହେଉଛି।